بسم الله الرحمن الرحيم

**ଖୁତ୍‌ବା ଜୁମା ୦୪ ନଭେମ୍ବର ୨୦୨୨ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍ ଟେଲଫୋର୍ଡ଼ (ୟୁ.କେ)**

## ତେହ୍‌ରିକେ ଜଦିଦ୍‌ର ୮୮ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷରୁ ଉପସ୍ଥାପିତ ଆର୍ଥିକ ବଳିଦାନର ଚର୍ଚ୍ଚା ଏବଂ ୮୯ତମ ବର୍ଷର ଶୁଭାରମ୍ଭ ।

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଉଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଜ୍ଜାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରାଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ; ଆଜି ନଭେମ୍ବର ମାସର ପ୍ରଥମ ଜୁମା ଏବଂ ପରମ୍ପରା ଅନୁଯାୟୀ ଆଜିର ଖୁତବାରେ ମୁଁ ତେହ୍‌ରିକେ ଜଦିଦ୍‌ର ନବ ବର୍ଷର ଘୋଷଣା କରିଥାଏ ଏବଂ ଗତ ବର୍ଷରେ ହୋଇଥିବା ଅଲ୍ଲାଃତାଲାଙ୍କ କୃପାବୃଷ୍ଟିର ଚର୍ଚ୍ଚା କରିଥାଏ । ହ. ମସିହ୍ ମଉଦ୍ ଅ.ସ କୁହନ୍ତି; ପ୍ରତ୍ୟେକ ନବୀ ନିଜର ଅଭିପ୍ରାୟକୁ ଚରିତାର୍ଥ କରିବା ସକାଶେ ଆର୍ଥିକ ବଳିଦାନ କରିବା ପ୍ରତି ନିଜର ଅନୁଗାମୀମାନଙ୍କୁ ଆହ୍ୱାନ ଦେଇଥାନ୍ତି । ପବିତ୍ର କୁରଆନ୍‌ରେ ମଧ୍ୟ ଆର୍ଥିକ ବଳିଦାନ କରିବା ପ୍ରତି ବିଶ୍ୱାସକାରୀମାନଙ୍କୁ ଆଦେଶ ଦିଆଯାଇଛି । ପବିତ୍ର କୁରଆନ୍‌ରେ ଅଲ୍ଲାଃତାଲା ସ୍ପଷ୍ଟ ରୂପେ ଦର୍ଶାଇଛନ୍ତି ଯେ, **ତୁମେମାନେ (ଅଲ୍ଲାଃତାଲାଙ୍କ ମାର୍ଗରେ) ଯେଉଁ ବଳିଦାନ ତଥା ତ୍ୟାଗ କରିଥାଅ ତାହାର ପ୍ରତିଫଳ ସେ ତୁମକୁ ଏହି ସଂସାରରେ ହିଁ ପ୍ରଦାନ କରିଦେଇ ଥାଆନ୍ତି ।** ଅତଏବ ପବିତ୍ର କୁରଆନ୍‌ର ସୁରାଃ ବକ୍‌ରାର ଆୟତ୍ ସଂଖ୍ୟା ୨୬୨ରେ ଅଲ୍ଲାଃତାଲା ତାହାଙ୍କ ମାର୍ଗରେ ଅର୍ଥ ବ୍ୟୟକାରୀଙ୍କ ଉଦାହରଣ ଦେଇ କହିଲେ, ଯେଉଁ ବିଶ୍ୱାସକାରୀମାନେ ନିଷ୍କାପର ମନୋଭାବ ରଖି ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ଅର୍ଥ ବ୍ୟୟ କରନ୍ତି ଅଲ୍ଲାଃତାଲା ସେମାନଙ୍କର କୌଣସି ଉଧାର ରଖନ୍ତି ନାହିଁ ବରଂ ଇହକାଳ ଓ ପରକାଳରେ ମଧ୍ୟ ସେମାନଙ୍କୁ ଏହାର ସବିଶେଷ ପ୍ରତିଫଳ ପ୍ରଦାନ କରି ଦେଇଥାଆନ୍ତି ।

ସାଂପ୍ରତିକ ଯୁଗରେ ଅଲ୍ଲାଃତାଲା ଧର୍ମର ପ୍ରଚାର ପ୍ରସାର ନିମନ୍ତେ ହ. ମସିହ୍ ମଉଦ୍ ଅ.ସଙ୍କୁ ପ୍ରେରଣ କରିଛନ୍ତି । ତେଣୁ ମସିହ୍ ମଉଦ୍ ଅ.ସଙ୍କୁ ସ୍ୱୀକାର କରୁଥିବା ଅନୁଗାମୀମାନଙ୍କର ଏହି କର୍ତ୍ତବ୍ୟ ରହିଛି ଯେ, ସେମାନେ ଇସଲାମ୍ ଧର୍ମର ପ୍ରଚାର, ପ୍ରସାର ଏବଂ ଏକେଶ୍ୱରବାଦ ସ୍ଥାପନ ପାଇଁ ନିଜର କର୍ତ୍ତବ୍ୟକୁ ସଠିକ୍ ରୂପେ ନିର୍ବାହ କରନ୍ତୁ। ଆପଣମାନେ ଯଦି ନିଷ୍କାପର ମନୋଭାବ ରଖି ଅଲ୍ଲାଃତାଲାଙ୍କ ମାର୍ଗରେ ଅର୍ଥ ବ୍ୟୟ କରି ତାହାଙ୍କ କର୍ତ୍ତବ୍ୟ ସମ୍ପାଦନ କରିବେ ତେବେ ଆପଣମାନେ ଅବଶ୍ୟ ଅଲ୍ଲାଃତାଲାଙ୍କ କୃପାର ପ୍ରକୃତ ଅଧିକାରୀ ହୋଇପାରିବେ । ଆଁହଜରତ ସ.ଅ କହିଲେ, ନମାଜ୍, ରୋଜା, ଅଲ୍ଲାଃତାଲାଙ୍କ ନାମ ଭଜିବା ଓ ତାହାଙ୍କ ମାର୍ଗରେ ନିଜର ପ୍ରିୟ ଅର୍ଥକୁ ବ୍ୟୟ କରିବା ଦ୍ୱାରା ଅଲ୍ଲାଃତାଲା ଭକ୍ତକୁ ବହୁଗୁଣା କରି ଫେରସ୍ତ କରି ଦେଇଥାଆନ୍ତି । ଉକ୍ତ ହଦିସ୍‌ରେ ଏହା ବର୍ଣ୍ଣିତ ହୋଇଛି ଯେ କେବଳ ଅଲ୍ଲାଃତାଲାଙ୍କ ଚର୍ଚ୍ଚା କରିବା, ଅଲ୍ଲାଃତାଲାଙ୍କ ମାର୍ଗରେ ଅର୍ଥ ବ୍ୟୟ କରିବା ଯଥେଷ୍ଟ ନୁହେଁ । ବରଂ ଅନ୍ୟାନ୍ୟ ଉପାସନା ସମ୍ପାଦନ କରିବା ମଧ୍ୟ ଆବଶ୍ୟକ ଅଟେ । ପୁନଶ୍ଚ ଏପରି କରିବା ଫଳରେ ଅଲ୍ଲାଃତାଲା ଭକ୍ତକୁ ଏଭଳି ପୁରୁସ୍କୃତ କରିଥାଆନ୍ତି ଯେ, ଏହାକୁ ଦେଖି ଭକ୍ତ ଆଶ୍ଚର୍ଯ୍ୟଚକିତ ହୋଇଯାଇଥାଏ । ଆମମାନଙ୍କୁ ଏହି କଥା ଉପରେ ପ୍ରସନ୍ନ ହେବା ଉଚିତ ନୁହେଁ ଯେ, ଆମେମାନେ ଅଲ୍ଲାଃତାଲାଙ୍କ ମାର୍ଗରେ ଅର୍ଥ ବ୍ୟୟ କରିଦେଲୁ, ତାହା ନୁହେଁ ବରଂ ନିଜର ଉପାସନାକୁ ମଧ୍ୟ ସମ୍ପାଦନ କରିବା ଅତି ଜରୁରୀ ଅଟେ ।

ହୁଜୁର ଅନୱର୍ ଅ.ବ ହ. ରାବେଆ ବିନ୍ ବସ୍ରିଙ୍କ ଈଶ୍ୱରଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସର ଚର୍ଚ୍ଚା କରି କହିଲେ, ସେ ଅଲ୍ଲାଃତାଲାଙ୍କ ମାର୍ଗରେ ଦୁଇଟି ରୁଟି ପ୍ରଦାନ କଲେ ଏବଂ ପର ମୁହୂର୍ତ୍ତରେ ଅଲ୍ଲାଃତାଲାଙ୍କ ପକ୍ଷରୁ ତାଙ୍କ ଅତିଥିଙ୍କ ପାଇଁ ୨୦ଟି ରୁଟି ଆସି ଯାଇଥିଲା । ଅଲ୍ଲାଃତାଲା ଆଜି ଧାର୍ମିକ ଅଭିପ୍ରାୟକୁ ପୂରଣ କରିବା ସକାଶେ ହ. ମସିହ୍ ମଉଦ ଅ.ସଙ୍କୁ ପ୍ରେରଣ କରିଛନ୍ତି ଏବଂ ଜମାଅତ୍ ଅହେମଦିୟା ମାଧ୍ୟମରେ ଧର୍ମର ପ୍ରଚାର ଓ ପ୍ରସାର କାର୍ଯ୍ୟ ସମ୍ପାଦିତ ହେଉଅଛି । ଜମାଅତ୍ ପ୍ରତିବର୍ଷ ଲକ୍ଷାଧିକ ପାଉଣ୍ଡ ଧର୍ମଭିତ୍ତିକ ସାହିତ୍ୟିକ ପୁସ୍ତକ, ମସ୍ଜିଦ୍ ଓ ମିଶନ ହାଉସ୍ ନିର୍ମାଣ ଆଦି କାର୍ଯ୍ୟରେ ବ୍ୟୟ କରିଥାଏ । ବିକଶିତ ରାଷ୍ଟ୍ରର ଅର୍ଥ ଭାରତ, ଆଫ୍ରିକା ଭଳି ଅନେକ ରାଷ୍ଟ୍ରରେ ବ୍ୟୟ ହୋଇଥାଏ । ଏହା ଅଲ୍ଲାଃତାଲାଙ୍କର ହିଁ ଅଶେଷ କୃପା ଯେ, ଏଭଳି ଆର୍ଥିକ ସଂକଟ ସତ୍ତ୍ୱେ ସେ ଜମାଅତ୍ର ସଦସ୍ୟବୃନ୍ଦଙ୍କୁ ସେମାନଙ୍କର ଆର୍ଥିକ ଆବଶ୍ୟକତାକୁ ପୂରଣ କରିବାକୁ ସାମର୍ଥ୍ୟ ପ୍ରଦାନ କରିଛନ୍ତି । ଅଲ୍ଲାଃତାଲା ମଧ୍ୟ ନିଜର ଉତ୍ତମ ବ୍ୟବହାରର ଦୃଶ୍ୟ ଆମମାନଙ୍କୁ ଦେଖାଇ ଥାଆନ୍ତି ଏବଂ ପ୍ରତ୍ୟେକ ଧନୀ ଗରିବ ରାଷ୍ଟ୍ରମାନଙ୍କରେ ବଳିଦାନକାରୀଙ୍କୁ ଅଭୂତପୂର୍ବକ ତଥା ବିଚିତ୍ର ଢଙ୍ଗରେ ପୁରସ୍କୃତ କରିଥାଆନ୍ତି ।

ଏତଦ୍‌ପରେ ହୁଜୁର ଅନୱର୍ ଅ.ବ ଲାଇବେରିୟା, ଅଷ୍ଟ୍ରେଲିୟା, ତାଞ୍ଜାନିୟା, ଗ୍ୟାମ୍ବିୟା, ନାଇଜେରିୟା, ଗିନି କନାକିରି ଓ ଭାରତ ସମେତ ବିଶ୍ୱବ୍ୟାପୀ ବିଭିନ୍ନ ରାଷ୍ଟ୍ରରୁ ଆବାଳ ବୃଦ୍ଧ ବନୀତା ଏବଂ ଧନୀ ଗରିବ ଆଦି ବିଭିନ୍ନ ବର୍ଗର ସଦସ୍ୟବୃନ୍ଦଙ୍କ ଆର୍ଥିକ ବଳିଦାନର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା କଲେ ।

ହୁଜୁର ଅନୱର୍ ଅ.ବ କହିଲେ, ଭାରତର ୱକିଲ୍ ମାଲ୍ ସାହେବ କୁହନ୍ତି ଯେ, ଏଠାରେ ଜଣେ ବ୍ୟକ୍ତି ଅଛନ୍ତି ଯେକି ଆର୍ଥିକ ବଳିଦାନରେ ଓ ତେହ୍‌ରିକେ ଜିଦଦ୍‌ର ଚାନ୍ଦା ପୈଠକାରୀଙ୍କ ମଧ୍ୟରେ ବ୍ୟୟ କରିବା ପାଇଁ ସର୍ବଦା ତତ୍ପର ଓ ବ୍ୟଗ୍ର ଅଟନ୍ତି । ତାଙ୍କୁ ଯେତେବେଳେ ନିଜ ବଜେଟ୍‌ରେ ଅଭିବୃଦ୍ଧ କରିବା ପାଇଁ କୁହାଗଲା ସେତେବେଳେ ସେ କହିବାକୁ ଲାଗିଲେ, ମୌଲବୀ ସାହେବ ! କେତେ ବୃଦ୍ଧି କରିବି ? ୱକିଲ୍ ମାଲ୍ ସାହେବ କହିଲେ, ଆପଣ ନିଜର ଆର୍ଥିକ ସମ୍ବଳ ଅନୁଯାୟୀ ଯେତେ ପୈଠ କରିପାରିବେ ସେତିକି ଦିଅନ୍ତୁ । ସେ କିନ୍ତୁ କେନ୍ଦ୍ରୀୟ ପ୍ରତିନିଧିଙ୍କୁ ଏହା ହିଁ କହୁଥିଲେ ଯେ, ମୌଲବୀ ସାହେବ ! ଆପଣ କହୁ ନାହାନ୍ତି କେତେ ବୃଦ୍ଧି କରିବି ? ଶେଷରେ ୱକିଲ୍ ମାଲ୍ ସାହବେ କହିଲେ ଦଶ ଲକ୍ଷ ବୃଦ୍ଧି କରି ଦିଅନ୍ତୁ । ସେ ପୂର୍ବରୁ ପାଞ୍ଚ ଲକ୍ଷ ଟଙ୍କା ଦେଇ ସାରିଥିଲେ । ଅତଃ ସେ ନିଜ ଚାନ୍ଦାରେ ଅଭିବୃଦ୍ଧି କରି ଅତିରିକ୍ତ ଦଶ ଲକ୍ଷ ଟଙ୍କା ଚାନ୍ଦା ପୈଠ କରିଦେଲେ । ସଂପୃକ୍ତ ଚାନ୍ଦା ପୈଠକାରୀ କହନ୍ତି, ମୋର ଏକ ବାସ ଭବନ ଥିଲା ଯାହାକି ପଞ୍ଜିକୃତ ହୋଇପାରୁ ନଥିଲା ସେଥିଯୋଗୁଁ ବହୁତ କ୍ଷତି ସହ୍ୟ କରିବାର ସମ୍ଭାବନା ରହିଥିଲା । କିନ୍ତୁ ନିଜ ଚାନ୍ଦାରେ ଯେତେବେଳେ ମୁଁ ଅଭିବୃଦ୍ଧି କଲି ସେତେବେଳେ କିଛି ଦିନ ପରେ ମୋର ଏହି କାର୍ଯ୍ୟ ଅର୍ଥାତ ରେଜିଷ୍ଟ୍ରି କାର୍ଯ୍ୟ ମଧ୍ୟ ସଂପୂର୍ଣ୍ଣ ହୋଇଗଲା ଯାହାକି ଅନେକ ଦିନ ପର୍ଯ୍ୟନ୍ତ ମୁଲତବୀ ରହିଥିଲା । କିନ୍ତୁ ଅଲ୍ଲାଃତାଲା ମୋର କ୍ଷତିର ଭରଣା କରିଦେଲେ । ଅଲ୍ଲାଃତାଲା ନା ଧନୀକ ବ୍ୟକ୍ତିଙ୍କର ଉଧାର ରଖନ୍ତି ଓ ନା ହିଁ ଦିରଦ୍ରମାନଙ୍କର ଉଧାର ରଖନ୍ତି । ପ୍ରତ୍ୟେକ ବ୍ୟକ୍ତିକୁ ତା'ର ସାମର୍ଥ୍ୟାନୁଯାୟୀ ଓ ଚାନ୍ଦା ପୈଠ ଅନୁଯାୟୀ ଅଲ୍ଲାଃତାଲା ପୁରସ୍କୃତ କରି ଥାଆନ୍ତି ।

ହୁଜୁର ଅନୱର ଅ.ବ କହିଲେ, ଭାରତରୁ ହିଁ ଆଉ ଜଣେ ୱକିଲ୍ ମାଲ ସାହେବ ଉଲ୍ଲେଖ କରନ୍ତି ଯେ, କାଶ୍ମୀର ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ଼ାଃ. ମହୋଦୟ ନିଜ ପ୍ରତିଶୃତ ଚାନ୍ଦା ପୈଠ କରିସାରି ଥିଲେ । ଏହାପରେ ସେ କହିଲେ, ଅଲ୍ଲାଃତାଲା ମୋତେ ଏହିଭଳି ପୁରସ୍କୃତ କଲେ ଯେ, ମୋର ପଦୋନ୍ନତି ହୋଇଗଲା ଅର୍ଥାତ ମୁଁ ଜଣେ ମୁଖ୍ୟ ବୈଜ୍ଞାନିକ ପଦବୀରେ ଆସୀନ ହେଲି ଏବଂ ମୋର ବେତନରେ ମଧ୍ୟ ଅସାଧାରଣ ଅଭିବୃଦ୍ଧି ହୋଇଗଲା । ଅତଃ ସେ ନିଜର ତେହ୍‌ରିକେ ଜଦିଦ୍‌ର ଚାନ୍ଦାରେ ମଧ୍ୟ ଅଭିବୃଦ୍ଧି କରିଦେଲେ । ତେହ୍‌ରିକେ ଜଦିଦ୍‌ର ୮୮ତମ ବର୍ଷର ପରିସମାପ୍ତି ଅବସରରେ ବିଶ୍ୱବ୍ୟାପୀ ଜମାଅତ୍ ଅହେମଦିୟାକୁ ଚଳିତ ବର୍ଷ ଏହି ଆର୍ଥିକ ବ୍ୟବସ୍ଥାରେ ୧୬.୪ ମିଲିୟନ୍ ପାଉଣ୍ଡ ଆର୍ଥିକ ବଳିଦାନ ଦେବାକୁ ସାମର୍ଥ୍ୟ ପ୍ରାପ୍ତ କରିଛି । ଆର୍ଥିକ କ୍ଷେତ୍ରରେ ପୃଥିବୀର ଦ୍ରୁତ ଗତିରେ ଦେଖାଦେଇଥିବା ଦୂରାବସ୍ଥା ସତ୍ତ୍ୱେ ଏହି ଆଦାୟ ଗତ ବର୍ଷ ତୁଳନାରେ ଅଲ୍ଲାଃତାଲାଙ୍କ କୃପାରୁ ୧.୧ ମିଲିୟନ୍

ପାଉଣ୍ଡ ଅତିରିକ୍ତ ଆଦାୟ ହୋଇଛି । ଚଳିତ ବର୍ଷ ମଧ୍ୟ ଜମାଅତ୍ ଅହେମଦିୟା ଜର୍ମାନୀ ପୃଥିବୀ ବ୍ୟାପୀ ଜମାଅତ୍‌ମାନଙ୍କ ତୁଳନାରେ ସର୍ବପ୍ରଥମ ସ୍ଥାନ ଅଧିକାର କରିଛି । ଅଲ୍ଲାଃତାଲାଙ୍କ କୃପାରୁ ପାକିସ୍ତାନ ମଧ୍ୟ ଖୁବ୍ ବଳିଦାନ କରିଛି । କିନ୍ତୁ ସେଠାକାର ଆର୍ଥିକ ପରିସ୍ଥିତି ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି । ଡ଼ଲାର ତୁଳନାରେ ସେମାନଙ୍କର ସ୍ଥାନୀୟ ମୁଦ୍ରାର ମୂଲ୍ୟ ବହୁତ ତଳକୁ ଖସି ଆସିବା ଫଳରେ ସେମାନେ ପଛେଇ ଯାଇଛନ୍ତି । ଅନ୍ୟଥା ବଳିଦାନ କ୍ଷେତ୍ରରେ ସେମାନଙ୍କର ପାଦ ଆଗକୁ ହିଁ ଅଗ୍ରସର ହୋଇଛି । କହିବାକୁ ଗଲେ ଜର୍ମାନୀ ଆଗରେ ରହିଛି ସତ' କିନ୍ତୁ ନିଜର ସ୍ଥାନୀୟ ମୁଦ୍ରାର ମୂଲ୍ୟ ଦୃଷ୍ଟିରୁ ସେମାନଙ୍କ ମଧ୍ୟରେ ହ୍ରାସ ପରିଲକ୍ଷିତ ହୋଇଛି । ବ୍ରିଟେନ୍ ଓ ଆମେରିକାରେ ଯେଉଁଭଳି ଭାବରେ ଅଭିବୃଦ୍ଧି ହେଉଛି ଯଦି ଏହିଭଳି ଭାବରେ ସେମାନେ ଅଗ୍ରସର ହୁଅନ୍ତି ତେବେ ଜର୍ମାନୀ ଠାରୁ ମଧ୍ୟ ଆଗକୁ ଟପିଯିବେ । ସେହିପରି କାନାଡ଼ା, ଅଷ୍ଟ୍ରେଲିୟା, ଭାରତ ଏବଂ ଘାନାର ଜମାଅତ୍‌ମାନଙ୍କ ଚାନ୍ଦାରେ ମଧ୍ୟ ଆଶାତୀତ ଅଭିବୃଦ୍ଧି ଦେଖିବାକୁ ମିଳିଛି ।

କାର୍ଯ୍ୟ ସମ୍ପାଦନ ଦୃଷ୍ଟିରୁ ଅନ୍ୟ ଚର୍ଚ୍ଚାଯୋଗ୍ୟ ଜମାଅତ୍‌ମାନଙ୍କରେ ହଲାଣ୍ଡ, ଫ୍ରାନ୍‌ସ, ସ୍ୱିଡ଼େନ, ଜର୍ଜିୟା, ନରୱେ, ବେଲ୍‌ଜିୟମ୍, ବର୍ମା, ମାଲେସିଆ, ନ୍ୟୁଜିଲାଣ୍ଡ୍, ବାଂଲାଦେଶ, କ୍ରେବାତି, କାଜାକିସ୍ତାନ, ତଓାରିସ୍ତାନ, ଫିଲିପାଇନ୍ ଏବଂ ପୁନଶ୍ଚ ମଧ୍ୟପୂର୍ବ ଦେଶର ଏକ ଜମାଅତ୍ ଅନ୍ତର୍ଭୁକ୍ତ ରହିଛି ।

ଆଫ୍ରିକା ମହାଦେଶରେ ସାମଗ୍ରିକ ଆଦାୟ ଦୃଷ୍ଟିରୁ ପ୍ରମୁଖ ସ୍ଥାନ ଅଧିକାର କରିଥିବା ଜମାଅତଗୁଡ଼ିକ ହେଲେ- ଘାନା, ମରେଶିୟସ୍, ନାଇଜେରିଆ, ବୁର୍କିନାଫାସୋ, ତାଞ୍ଜାନିୟା, ଗ୍ୟାମ୍ବିୟା, ଲାଇବେରିୟା, ୟୁଗାଣ୍ଡା, ସେରାଲିଓନ୍, ବେନିନ୍ ଇତ୍ୟାଦି ।

ଏକକ ଆଦାୟ ଦୃଷ୍ଟିରୁ ପ୍ରମୁଖ ସ୍ଥାନ ଅଧିକାର କରିଥିବା ରାଷ୍ଟ୍ରଗୁଡ଼ିକ ହେଲେ ଆମେରିକା, ବ୍ରିଟେନ୍ ଓ ଅଷ୍ଟ୍ରେଲିଆ । ଅଂଶଗ୍ରହଣକାରୀଙ୍କ ମୋଟ ସଂଖ୍ୟା ଅଲ୍ଲାଃତାଲାଙ୍କ କୃପାରୁ ୧୫ ଲକ୍ଷ ୯୪ ହଜାର ରହିଛି । ଅଂଶଗ୍ରହଣକାରୀଙ୍କ ସଂଖ୍ୟା ଅଭିବୃଦ୍ଧି କରିବା ଦୃଷ୍ଟିରୁ ଆଫ୍ରିକାର ପ୍ରମୁଖ ଦେଶଗୁଡ଼ିକ ହେଲେ,- ୧-ନାଇଜେରିୟା, ଗିନି ବସାଓ, କଙ୍ଗୋ, ବ୍ରାଜିଲ୍, ଗିନି କନାକେରୀ, ତାଞ୍ଜାନିୟା, କଙ୍ଗୋ କିନଶାଶା, ଗ୍ୟାମ୍ବିୟା, କ୍ୟାମରୁନ୍, ଆଇଭରୀକୋଷ୍ଟ, ସେନିଗଲ୍ ଓ ବୁର୍କିନାଫାସୋ ଇତ୍ୟାଦି ।

ଦଫ୍‌ତର୍ ଅୱଲ୍‌ର ଖାତାଗୁଡ଼ିକ ଅଲ୍ଲାଃତାଲାଙ୍କ କୃପାରୁ ଜାରି ରହିଛି । ଭାରତର ପ୍ରଥମ ଦଶଟି ଜମାଅତମାନେ ହେଲେ, କୋୟମ୍ବଟୁର୍ ତାମିଲ୍‌ନାଡୁ, କାଦିୟାନ୍, ହାଇଦ୍ରାବାଦ୍, କ୍ୟାରୁଲାଇ, ପିଥା ପେରେମ୍, କାଲିକଟ, ମେଲାପାଲମ୍, କଲିକତା ଏବଂ କେରଙ୍ଗ । ବଳିଦାନ ଦୃଷ୍ଟିରୁ ଭାରତର ପ୍ରଦେଶମାନଙ୍କ ମଧ୍ୟରେ ପ୍ରଥମ ଦଶଟି ପ୍ରଦେଶ ହେଲେ, କେରଳ, ତାମିଲନନାଡୁ, କର୍ଣ୍ଣାଟକ, ଜାମ୍ମୁ କାଶ୍ମୀର, ତେଲେଙ୍ଗାନା, ଓଡ଼ିଶା, ପଞ୍ଜାବ, ପଶ୍ଚିମବଙ୍ଗ, ଦିଲ୍ଲୀ ଓ ମହାରାଷ୍ଟ୍ର ।

ହୁଜୁର ଅନୱର୍ ଅ.ବ ସମସ୍ତ ବଳିଦାନକାରୀଙ୍କ ପାଇଁ ଦୁଆ କଲେ ଏବଂ ଅଲ୍ଲାଃତାଲା ସମସ୍ତ ବଳିଦାନକାରୀଙ୍କ ଧନ ଜୀବନରେ ଅଜସ୍ର କଲ୍ୟାଣ ପ୍ରଦାନ କରନ୍ତୁ ।

ଖୁତ୍‌ବା ଶେଷରେ ଏକ ୱେବସାଇଟ୍‌ର ଶୁଭୋଦ୍‌ଘାଟନର ଘୋଷଣା କରି ହୁଜୁର ଅନୱର୍ ଅ.ବ କହିଲେ, ୟୁ.କେର ଜମାଅତ୍ ବ୍ରିଟେନ୍‌ର **ତାରିଖେ ଅହେମଦିୟତ୍** (ଅହେଦମଦିୟା ଜମାଅତ୍‌ର ଇତିହାସ)କୁ କେନ୍ଦ୍ର କରି ଏକ ୱେବସାଇଟ୍ ପ୍ରାରମ୍ଭ କରିଛି । ଉକ୍ତ ୱେବସାଇଟ୍‌ରେ ହ. ମସିହ୍ ମଉଦ୍ ଅ.ସଙ୍କ ପାଶ୍ଚାତ୍ୟ ଦେଶରେ ପ୍ରଚାର ସମ୍ପାଦନ କାର୍ଯ୍ୟ ଲାଗି ଯେଉଁ ଅବଦାନ ରହିଥିଲା ତାହାର ଏକ ଗବେଷଣାତ୍ମକ ନିବନ୍ଧକୁ ପ୍ରକାଶିତ କରାଯାଇଛି । ୟୁ.କେରେ ଜମାଅତ୍ ଅହେମଦିୟାର ପ୍ରାରମ୍ଭ ୧୯୧୩ ମସିହାରେ ହେବାର ବୁଝାଯାଏ । ଅର୍ଥାତ ଯେତେବେଳେ ଚୌଧୁରୀ ଫତେହ୍ ମୁହମ୍ମଦ ସିୟାଲ୍ ସାହେବ ର.ଅ ଏଠାକୁ ଆସିଥିଲେ । ଅପର ପକ୍ଷେ ବ୍ରିଟେନ୍ ଓ ୟୁରୋପର ଅନ୍ୟାନ୍ୟ ଦେଶମାନଙ୍କରେ ହ. ମସିହ୍ ମଉଦ୍ ଅ.ସଙ୍କ ବାର୍ତ୍ତା ଆପଣ ଅ.ସଙ୍କ ଧର୍ମ ପ୍ରବର୍ତ୍ତକ ଦାବି ସହିତ ପହଞ୍ଚି ଯାଇଥିଲା । ହ. ମସିହ୍ ମଉଦ୍ ଅ.ସ ଇତ୍‌ମାମେ ହୁଜତ୍ (ଦଲିଲ୍ ସାବ୍ୟସ୍ତ) ସକାଶେ ଏକ ପତ୍ର ଏବଂ ୮୦୦୦

ସଂଖ୍ୟକ ଇଂରାଜୀ ପତ୍ରିକା ଛପାଇ ଭାରତ ଓ ଇଂଲଣ୍ଡରେ ଉପସ୍ଥିତ ସମ୍ମାନିତ ଗଣାମାନ୍ୟ ପାଦ୍ରୀ ସାହେବ, ବିଭିନ୍ନ ସୋସାଇଟି ଏବଂ ଧାର୍ମିକ ନେତାମାନଙ୍କ ନିକଟକୁ ଯେଉଁ ଯେଉଁଠି ସେ ସମୟରେ ସନ୍ଦେଶ ପହଞ୍ଚିବା ସମ୍ଭବପର ଥିଲା, ସେଠାକୁ ପ୍ରେରଣ କରିଥିଲେ । ଏହାର ଏକ ଦୃଷ୍ଟାନ୍ତ ୟୁ.କେରେ ଚାର୍ଲଜ୍ ବ୍ରେଡ଼ ଲି ନାମକ ଏକ ରାଜନୀତିଜ୍ଞ ଯେକି ନାସ୍ତିକବାଦୀ ଥିଲା ତାହାକୁ ହ. ମସିହ୍ ମଉଦ୍ ଅ.ସଙ୍କ ନିମନ୍ତ୍ରଣ ୧୮୮୫ ମସିହାରେ ପ୍ରାପ୍ତ ହୋଇଥିଲା । ଉକ୍ତ ଘଟଣାର ଚର୍ଚ୍ଚା ସେଠାକାର ଏକ ସମ୍ବାଦପତ୍ର ଯାହାର ନାମ **କୋର୍କୋନସିଟି ଟ୍ରୁସନ** ଥିଲା ସେ ନିଜର ପ୍ରକାଶନ ସଂଖ୍ୟା ଜୁନ ମାସ ୮ ତାରିଖ ୧୮୮୫ ମସିହାରେ ପ୍ରକାଶିତ କରିଥିଲା । ସେହପରି '**ଦି ଥିଓସୋଫିଷ୍ଟ**' ସୋସାଇଟିର ସଂସ୍ଥାପକ ହେନ୍‌ରୀ ଆଲ୍‌କଟ୍‌ଙ୍କୁ ମଧ୍ୟ ଏହି ନିମନ୍ତ୍ରଣ ୧୮୮୬ ମସିହାରେ ପ୍ରାପ୍ତ ହୋଇଥିଲା । ଏହାର ଚର୍ଚ୍ଚା ସେ ନିଜର ଏକ ସମ୍ବାଦପତ୍ର '**ଦି ଥିଓସୋଫିଷ୍ଟ**'ର ପ୍ରକାଶନ ସଂସ୍କରଣ ସେପ୍ଟେମ୍ବର ମାସ ୧୮୮୬ ମସିହାରେ ପ୍ରକାଶିତ କରିଥିଲା ।

ଉକ୍ତ ୱେବସାଇଟ୍‌ରେ **ହ. ମସିହ ମଉଦ ଅ.ସଙ୍କ ପବତ୍ର ଯୁଗର ଏକ ଟାଇମ୍ ଲାଇନ୍** ପ୍ରସ୍ତୁତ କରାଯାଇଛି। ଏହାକୁ କେନ୍ଦ୍ର କରି ପାଶ୍ଚାତ୍ୟ ଦେଶରେ ସତ୍ୟ ସନ୍ଦେଶ ଉପରେ ଆଧାରିତ ବାସ୍ତବତାକୁ ବର୍ଣ୍ଣନା କରାଯାଇଛି । ସେହିପରି **ଜୁନୟର ମିଶନାରୀ ନାମକ ଆଉ ଏକ ଟାଇମ୍ ଲାଇନ୍** ପ୍ରସ୍ତୁତ କରାଯାଇଅଛି ଯହିଁରେ ପ୍ରାରମ୍ଭିକ ପର୍ଯ୍ୟାୟର ମୁବଲ୍ଲିଗ୍ ସିଲସିଲା ଓ ସାହାବା ହ. ଅକଦସ୍ ମସିହ୍ ମଉଦ୍ ଅ.ସ ଆଦି ମଧ୍ୟ ଅନ୍ତର୍ଭୁକ୍ତ ଅଟନ୍ତି, ସେମାନଙ୍କର ପରିଚୟ ଏବଂ ୟୁ.କେରେ ସେହି ମୁବଲ୍ଲିଗିନ୍‌ମାନଙ୍କର ଅସାଧାରଣ ସେବା ଓ ବଳିଦାନର ଚର୍ଚ୍ଚା ମଧ୍ୟ କରାଯାଇଛି । ସେହିପରି ହ. ମସିହ୍ ମଉଦ ଅ.ସଙ୍କ ପାଦ୍‌ରୀ ପିଗଟ୍ ସଂପର୍କରେ ଯେଉଁ ଭବିଷ୍ୟତବାଣୀ ରହିଥିଲା ତାହାର ସବିଶେଷ ଗବେଷଣାତ୍ମକ ପ୍ରାମାଣ୍ୟ ସହିତ ପ୍ରକାଶ କରାଯାଇଛି । ଏହିପରି ଭାବରେ ଇତିହାସ ଉପରେ ଆଧାରିତ ଅତିରିକ୍ତ ଗବେଷଣାତ୍ମକ ପ୍ରବନ୍ଧଗୁଡ଼ିକ ମଧ୍ୟ ପ୍ରକାଶ କରାଯାଇଛି ଯାହାକି ଯୁବପିଢୀଙ୍କ ଉପରେ ଏହି କଥାକୁ ସ୍ପଷ୍ଟ କରିବ ଯେ, ସେମନଙ୍କର ଓ ସେମାନଙ୍କ ପୂର୍ବଜମାନଙ୍କର ସେହି ଦେଶମାନଙ୍କରେ ଆଗମନର ପ୍ରକୃତ ଅଭିପ୍ରାୟ କ'ଣ ରହିଥିଲା ? ଅତଃ ଏହି ୱେବସାଇଟ୍‌ର ଠିକଣା ହେଲା- History.ahmadiyya.uk । ଉଭୟ ୱେବସାଇଟ୍ ଆଜିଠାରୁ କାର୍ଯ୍ୟକ୍ଷମ ହେବ । ଦେଖିବାକୁ ଗଲେ ଏହି ୱେବସାଇଟ୍ ଦ୍ୱୟ ବର୍ତ୍ତମାନ ସକ୍ରିୟ ରହିଛି । କିନ୍ତୁ ଏହାର ପାରମ୍ପାରିକ ଶୁଭୋଦ୍‌ଘାଟନ କର୍ମକର୍ତ୍ତାବୃନ୍ଦ ମୋ ହସ୍ତରେ କରାଇବାକୁ ଚାହୁଁଛନ୍ତି । ଅଲ୍ଲାଃତାଲା କରନ୍ତୁ କି ଏହି ୱେବସାଇଟ ଦ୍ୱୟ ପର ଆପଣା ସଭିଙ୍କ ପାଇଁ ଲାଭଦାୟକ ସାବ୍ୟସ୍ତ ହେଉ । ଆମିନ୍ ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଈନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ୱ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଈଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜକ୍ କରୁନା ଉଯ୍‌କୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜିକ୍‌ରୁଲ୍ଲାହି ଅକ୍‌ବର୍ ।**

....................................

KHULASA KHUTBA JUMA HUZOOR ANWAR a.b.a
4th Nov. 2022